# Odisha Bhaskar

## Daiwik Hotels introduces â€˜Special Holiday Packages\'

**Date: 08/06/2015 | Edition: Bhubaneshwar | Page: 10 | Source: Bureau | Clip size (cm): W: 17 H: 10**

**Clip: 1 of 1**


# ଦୈବିକ୍ ହୋଟେଲ୍ସର 'ସ୍ୱତନ୍ତ୍ର ହଲିଡେ ପ୍ୟାକେଜ୍'

କୋଲକାତା : କୋଲିକତା ସ୍ଥିତ ଦୈବିକ୍ ହୋଟେଲ୍ସର ଅନ୍ୟ ଏକ ସମ୍ପତ୍ତି, ଦୈବିକ ହୋଟେଲ୍ସ ସିରିଡ଼ି, ଯାହାକି ଭାରତର ପ୍ରଥମ ୪ ଷ୍ଟାର୍ ସେବା ବିଶିଷ୍ଟ ତୀର୍ଥଯାତ୍ରୀ ହୋଟେଲ୍ର ସ୍ପେସିଆଲିଟି ଚେନ୍, ସିରିଡ଼ିରେ ଛୁଟି ଦିନକୁ ଧ୍ୟାନରେ ରଖି ଉନ୍ମୋଚନ କରିଛି 'ସ୍ୱତନ୍ତ୍ର ହଲିଡେ ପ୍ୟାକେଜ୍'। ଏହି ପ୍ୟାକେଜ୍ଟି ମଇ ୨୦୧୫ରୁ ଅକ୍ଟୋବର ୨୦୧୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସିରିଡ଼ିରେ ସ୍ୱତନ୍ତ୍ର ହଲିଡେ ଅଫର୍ ଚାଲିଥିବା ସମୟରେ ଧାର୍ମିକ ବ୍ୟକ୍ତିମାନଙ୍କ ସମେତ ଅନ୍ୟମାନେ ମଧ୍ୟ ସିରିଡ଼ି ଜିଲ୍ଲାର ଧାର୍ମୀକ ଇତିହାସକୁ ଜାଣିପାରିବେ ଏବଂ ଏହାର ନିକଟରେ ଅବସ୍ଥିତ ଅନ୍ୟାନ୍ୟ ଧାର୍ମୀକ ସ୍ଥଳୀ, ଯଥା ନାସିକ୍, ଔରଙ୍ଗାବାଦ୍ ଏବଂ ମୁମ୍ବାଇ ଭ୍ରମଣ କରିପାରିବେ। ଏହି ଏକ୍ସ-ସିରିଡ଼ି ପ୍ୟାକେଜ୍ ଗୁଡ଼ିକ ୨ ରାତି/୩ ଦିନ ଏବଂ ୩ ରାତି / ୪ ଦିନ ଫର୍ମାଟ୍ରେ ଉପଲବ୍ଧ ଅଛି, ଯାହା ଯାତ୍ରୀମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଅଛି। ଯେଉଁଠି ଭାରତୀୟ ଭ୍ରମଣକାରୀମାନେ ସେମାନଙ୍କର ବ୍ୟସ୍ତ ସହରରୁ ବାହାରି ଏକ ସୌନ୍ଦର୍ଯ୍ୟମୟ ସ୍ଥାନ ଭ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ଦୈବିକ ହୋଟେଲ୍ସ ପ୍ରସ୍ତୁତ କରିଛି ଏକ ଉପଯୁକ୍ତ ତୀର୍ଥ-ଅନୁକୂଳ ପରିବେଶ, ଯାହା ଭ୍ରମଣକାରୀମାନଙ୍କର ଯାତ୍ରାକୁ ଅଧ୍ୟାତ୍ମୀକ କାୟାକଳ୍ପରେ ଆଦର୍ଶମୟ ବନାଇବ। ଏହି ଅଫର୍ଟି ଖାସ କରି ଯାତ୍ରୀମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଅଛି, ଯେଉଁମାନେ କି ସେମାନଙ୍କର ପରିବାର ସହିତ କିଛି ସମୟ ବିତାଇବା ପାଇଁ ଏଠାକୁ ଆସିଥାଆନ୍ତି। ନିଲ୍ସନ୍ ରିପୋର୍ଟ ଅନୁସାରେ, ଏପ୍ରିଲ୍ ୨୦୧୩ ରୁ ମାର୍ଚ୍ଚ ୨୦୧୪ ମଧ୍ୟରେ ୯.୯ ଲକ୍ଷ ଯାତ୍ରୀ ସିରିଡ଼ି ଭ୍ରମଣ କରିବାକୁ ଆସିଥିଲେ। ଏହି ୪ ଷ୍ଟାର୍ ହୋଟେଲ୍ ଏହାର ୫୬ଟି ଚାବି ସହିତ ଯାତ୍ରୀମାନଙ୍କୁ ଏକ ବିସ୍ତୃତ ଶ୍ରେଣୀର ଅଭିଜ୍ଞତା ଭରା ତୀର୍ଥ ସେବା ଉପଲବ୍ଧ କରାଇବ। ଆନ୍ତର୍ଜାତୀୟ ସେବା ବ୍ୟତୀତ ଏହି ହୋଟେଲ୍ରେ ଉପଲବ୍ଧ ଅଛି କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଏବଂ ସାମାଜୀକ ସଭା ନିମନ୍ତେ ମଲ୍ଟିପର୍ପସ୍ ବ୍ୟାଙ୍କୁଏଟ୍ ଏବଂ ଧାର୍ମୀକ ସ୍ଥଳ ସମ୍ପର୍କରେ ସୁଚନା ପ୍ରଦାନ କରିବା ନମନ୍ତେ ଏକ ତୀର୍ଥ ସହାୟତା ଡେସ୍କ। ଏହାର ମଲ୍ଟିକ୍ୟୁସିନ୍ ସାକାହାରୀ ରେଷ୍ଟୁରାଣ୍ଟରେ ଯାତ୍ରୀମାନେ ପାଇପାରିବେ ଜୈନ ଖାଦ୍ୟ ଭଳି ସୁଦ୍ଧ ସାକାହାରୀ ଖାଦ୍ୟ ଏବଂ ଦୈବିକ୍ ସିରିଡ଼ି ସ୍ୱତନ୍ତ୍ର 'ଗ୍ରାଣ୍ଡ ମରାଠା ଥାଳୀ', ଯାହା କେବଳ ସ୍ୱତନ୍ତ୍ର ଅନୁରୋଧରେ ପ୍ରଦାନ କରାଯାଇଥାଏ।